ଗାନ୍ଧିଜୀଙ୍କ ଲବଣ ସତ୍ୟାଗ୍ରହରେ ଓଡ଼ିଶାର ଅବଦାନ

ସୁଷମା ନାୟକ

ଆଜି ଅଗଷ୍ଟ ପନ୍ଦର, ଆମ ଦେଶର ସ୍ୱାଧୀନତା ଦିବସ। ଆମ ପାଇଁ ସ୍ୱାଧୀନତା ଏକ ଦାନ ସ୍ୱରୂପ ନଥିଲା। ସ୍ୱାଧୀନତା ପ୍ରାପ୍ତି ନିମନ୍ତେ ଆମ ଦେଶବାସୀଙ୍କୁ କଠୋର ସଂଗ୍ରାମ ଓ ଅସୀମ ତ୍ୟାଗ ସ୍ୱୀକାର କରିବାକୁ ପଡ଼ିଛି। ସ୍ୱାଧୀନତା ସଂଗ୍ରାମରେ ଯେଉଁମାନେ ଆତ୍ମୋତ୍ସର୍ଗ କରିଛନ୍ତି, ସେମାନେ ଆମର ଚିର ନମସ୍ୟ। ସେମାନଙ୍କୁ ସ୍ମରଣ କରି ରଖିବା ପାଇଁ ଆଜି ଦିନଟି ଆମକୁ ସୁଯୋଗ ଦେଇଥାଏ। ବିଶେଷ କରି ମହାତ୍ମା ଗାନ୍ଧୀ, ପଣ୍ଡିତ ଜବାହରଲାଲ ନେହେରୁ, ସର୍ଦ୍ଦାର ପଟେଲ୍, ମୌଲାନା ଆଜାଦ୍, ସରୋଜିନୀ ନାଇଡୁ, ସୁଭାଷ ଚନ୍ଦ୍ର ବୋଷ ଓ ସ୍ୱାଧୀନତା ଆନ୍ଦୋଳନର ଅନ୍ୟ ବହୁ ନେତା, ଯେଉଁମାନଙ୍କ ତ୍ୟାଗ ତଥା ଆତ୍ମୋତ୍ସର୍ଗ ବିନା ଭାରତବର୍ଷ ସ୍ୱାଧୀନତାର ଆଲୋକ ଦେଖିବା ସମ୍ଭବପର ହୋଇପାରି ନଥାନ୍ତା। ସେମାନଙ୍କ ନିକଟରେ ଆମ ଦେଶ ଚିର କୃତଜ୍ଞ। ଆଜି ତାଙ୍କରି ଯୋଗୁଁ ଭାରତବାସୀ ଅନ୍ୟ ବିଦେଶ ରାଷ୍ଟ୍ରଭଳି ତା'ର ବିଜୟୀ ପତାକା ଉଡ଼ାଇ ପାରିଛି। ଏହା ବହୁ ଦିନ ଧରି ବ୍ରିଟିଶ୍ ଶାସନାଧୀନ ହୋଇ ରହିବା ପରେ ଆମ ଦେଶ ଏହି ଦିବସରେ ବିଦେଶୀ କବଳରୁ ମୁକ୍ତିଲାଭ କରି ଏକ ସ୍ୱାଧୀନ ଓ ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ରରେ ପରିଣତ ହୋଇଛି।

ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଅହିଂସା ଆନ୍ଦୋଳନ ଥିଲା ଦେଶବାସୀଙ୍କର ମୁଖ୍ୟ ଅସ୍ତ୍ର ଓ ମାଧ୍ୟମ। ଗାନ୍ଧିଜୀଙ୍କ ନେତୃତ୍ୱ ଯୋଗୁଁ ଅହିଂସା ଆନ୍ଦୋଳନ ଭାରତର ଏକ ପ୍ରଶଂସାତ୍ମକ କାର୍ଯ୍ୟକ୍ରମ ବୋଲି ସର୍ବସାଧାରଣରେ ଗୃହୀତ ହୋଇଥିଲା। ସ୍କୁଲ୍, କଲେଜ ପରିତ୍ୟାଗ କରି ଛାତ୍ର ସମାଜ ଏହି ଆନ୍ଦୋଳନରେ ଯୋଗ ଦେଲେ । ପୁରପଲ୍ଲୀର କୃଷକ ସମାଜ ମଧ୍ୟ ଗଭୀର ମନୋବଳ ନେଇ ମୁକ୍ତି ଯୁଦ୍ଧରେ ଶହୀଦ ହେବାକୁ ବାହାରି ଆସିଲେ। ପ୍ରଥମେ ଅସହଯୋଗ ଆନ୍ଦୋଳନ ପରେ ଆଇନ୍ ଅମାନ୍ୟ ଆନ୍ଦୋଳନ ଏବଂ ଶେଷରେ ଭାରତ ଛାଡ ଆନ୍ଦୋଳନ ଭାରତରେ ଏତେ ଆକର୍ଷଣ କଲା ଯେ ରକ୍ଷଣଶୀଳମାନେ ମଧ୍ୟ ଏଥିରେ ପ୍ରତ୍ୟକ୍ଷ ନହେଲେ ମଧ୍ୟ ପରୋକ୍ଷ ଭାବରେ ସହଯୋଗ କଲେ।

ସେହି ସମୟରେ ୧୯୩୦ ମସିହାରେ ଲବଣ ସତ୍ୟାଗ୍ରହ ଆନ୍ଦୋଳନ ହୋଇଥିଲା। ଏହି ଆନ୍ଦୋଳନରେ ମୁଖ୍ୟ ପୁରୋଧା ଥିଲେ ମହାମାନବ ମହାତ୍ମା ଗାନ୍ଧୀ। ୧୯୩୦ ମସିହା ଏପ୍ରିଲ୍ ମାସ ୬ ତାରିଖରେ ଦାଣ୍ଡି ପଦଯାତ୍ରା ଆରମ୍ଭ ହୋଇଥିଲା। ବ୍ରିଟିଶ୍ ସରକାରଙ୍କର ଲବଣ ଆଇନ୍ ପ୍ରତ୍ୟାଖ୍ୟାନ କରି ଗାନ୍ଧିଜୀ ଅହମ୍ମଦାବାଦର ସାବରମତୀ ଆଶ୍ରମଠାରୁ ୧୯୩୦ ମସିହା ମାର୍ଚ୍ଚ ମାସ ୧୨ ତାରିଖ ଦିନ ୨୮ ଜଣ ଅନୁଗାମୀଙ୍କ ସହ ସମୁଦ୍ର କୂଳରେ ଅବସ୍ଥିତ ଦାଣ୍ଡି ନାମକ ସ୍ଥାନକୁ ଯାତ୍ରା ଆରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ତାଙ୍କ ସହିତ ସରୋଜିନୀ ନାଇଡୁ ମଧ୍ୟ ଥିଲେ। ଦୀର୍ଘ ୨୪ ଦିନ ଧରି ତିନିଶହ ଚାଳିଶ କିଲୋମିଟର ରାସ୍ତା ପଦଯାତ୍ରା କରି ଏପ୍ରିଲ୍ ୬ ତାରିଖ ଦିନ ଦାଣ୍ଡିଠାରେ ପହଞ୍ଚି ଥିଲେ। ବାଟରେ ଲକ୍ଷ ଲକ୍ଷ ଆବାଳ ବୃଦ୍ଧ ବନିତା ତାଙ୍କ ସହିତ ଯୋଗ ଦେଇଥିଲେ। ଭାରତୀୟମାନଙ୍କୁ ସମୁଦ୍ରରୁ ଲୁଣ ମାରିବା ନିଷିଦ୍ଧ ଥିଲା। କାରଣ ଲୁଣ ବିଦେଶରୁ ଆସି ଭାରତରେ ବିକ୍ରି ହେଉଥିଲା। ଗାନ୍ଧିଜୀ ନିଜେ ଏହି ଲବଣ ଆଇନ୍ ଭଙ୍ଗ କରିବାକୁ ବାହାରି ଥିଲେ। ଦାଣ୍ଡିଠାରେ ପହଞ୍ଚି ସମୁଦ୍ର ଜଳରେ ଲୁଣ ମାରି ଲବଣ ଆଇନ୍ ଅମାନ୍ୟ କରିଥିଲେ। ଏହା ଐତିହାସିକ ଦାଣ୍ଡିଯାତ୍ରା ନାମରେ ପରିଚିତ। ସାରା ଭାରତରେ ଲବଣ ଆଇନ୍ ଭାଙ୍ଗି ଲୁଣ ମରାଗଲା। ବ୍ରିଟିଶ୍ ସରକାରଙ୍କର ଲୁଣ ଆଇନ୍ ପ୍ରତ୍ୟାଖ୍ୟାନ କରି ବମ୍ବେ ନିକଟବର୍ତ୍ତୀ ସମୁଦ୍ର କୂଳର ଦାଣ୍ଡି ନାମକ ସ୍ଥାନରେ ପହଞ୍ଚି ଥିଲେ ।

ଓଡ଼ିଶାରେ ମଧ୍ୟ ଏହି ଆନ୍ଦୋଳନର ପ୍ରଭାବ ପଡ଼ିଥିଲା। ବାଲେଶ୍ୱରର ଇଞ୍ଚୁଡ଼ି ନାମକ ସ୍ଥାନରେ ଏହି ଆନ୍ଦୋଳନ ଆରମ୍ଭ

ହୋଇ ଓଡ଼ିଶାର ସମସ୍ତ ଉପକୂଳବର୍ତ୍ତୀ ଅଞ୍ଚଳରେ ଦେଖା ଦେଇଥିଲା । ଏହି ସତ୍ୟାଗ୍ରହରେ ଯୋଗ ଦେଇଥିବା ଓଡ଼ିଶାବାସୀ କାରାବରଣ କଲେ ଏବଂ ଅନେକ ବ୍ୟକ୍ତି ଇଂରେଜମାନଙ୍କ ନିର୍ମମ ମାଡରେ ମୃତ୍ୟୁବରଣ କଲେ । ଏହି ଆନ୍ଦୋଳନରେ ଓଡ଼ିଶା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା । ୧୯୩୦ ମସିହା ଶେଷ ବେଳକୁ ସାରା ଭାରତରେ ଆଇନ୍ ଅମାନ୍ୟ ଆନ୍ଦୋଳନ ଦେଖା ଦେଇଥିଲା । ଲବଣ ସତ୍ୟାଗ୍ରହର ଟିକସ ବନ୍ଦ ହେବା ପର୍ଯ୍ୟନ୍ତ ଏହା ଚାଲୁ ରହିଥିଲା । ଓଡ଼ିଶାର ବହୁତ ନରନାରୀ ଏହି ଆନ୍ଦୋଳନରେ ଯୋଗ ଦେଇଥିଲେ ।

ଏହି ସତ୍ୟାଗ୍ରହ ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ଏକ ଉଲ୍ଲେଖନୀୟ ଅଂଶ । ଏହି ଅହିଂସା ଆନ୍ଦୋଳନ ଦ୍ୱାରା ଲୁଣ ମାରିବା ନେଇ ବ୍ରିଟିଶ୍ ସରକାରଙ୍କ ଏକଚାଟିଆ ଅଧିକାରକୁ ବିରୋଧ କରାଯାଇଥିଲା । ଏହି ଐତିହାସିକ ଘଟଣା ପରେ ସାରାଦେଶରେ ଆନୁଷ୍ଠାନିକ ଭାବେ ଆଇନ୍ ଅମାନ୍ୟ ଆନ୍ଦୋଳନର ରୂପ ନେଇଥିଲା । ଯେଉଁଦିନ ଗାନ୍ଧିଜୀ ଲୁଣ ମାରିଥିଲେ ସେହିଦିନ (ଏପ୍ରିଲ୍ ୬ ତାରିଖ ଦିନ ୧୯୩୦ ମସିହା) ନେହେରୁ ଏବଂ କଂଗ୍ରେସର ଅନ୍ୟ କିଛି ନେତାଙ୍କୁ ସଙ୍ଗେ ସଙ୍ଗେ ଗିରଫ କରି ନିଆଯାଇଥିଲା । ଠିକ୍ ମାସେ ପରେ ମେ ୬ ତାରିଖରେ ମହାତ୍ମା ଗାନ୍ଧୀ ମଧ୍ୟ ଗିରଫ ହୋଇଥିଲେ । ତେବେ ଏହି ଦାଣ୍ଡି ଯାତ୍ରା ସମାଜର ସବୁ ବର୍ଗର ଲୋକଙ୍କୁ ଏକାଠି କରି ପାରିଥିଲା । ଅଧିକରୁ ଅଧିକ ଲୋକ ଏହି ସତ୍ୟାଗ୍ରହ ଆନ୍ଦୋଳନରେ ଯୋଗ ଦେବାକୁ ବାହାରି ଥିଲେ । ଅସହଯୋଗ ଆନ୍ଦୋଳନ ପରେ ଏହି ଆନ୍ଦୋଳନ ଇଂରେଜମାନଙ୍କ ଉପରେ ଚାପ ସୃଷ୍ଟି କରିବାରେ ସମର୍ଥ ହୋଇଥିଲା । ମହାତ୍ମା ଗାନ୍ଧୀ ସାବରମତୀ ଆଶ୍ରମଠାରୁ ଦାଣ୍ଡି ପଦଯାତ୍ରା ସମୟରେ ବାଟରେ ତାଙ୍କୁ ବିଭିନ୍ନ ଗ୍ରାମର ଅଧିବାସୀମାନେ ବିପୁଳ ସମର୍ଥନ, ସମ୍ବର୍ଦ୍ଧନା, ସହଯୋଗ ଦେଇଥିଲେ । ଶଙ୍ଖ, ହୁଳହୁଳିରେ ନାରୀମାନେ ସମ୍ବର୍ଦ୍ଧନା ଜଣାଇବା ବେଳେ ପୁରୁଷମାନେ ତୋରଣ ତଥା ପୁଷ୍ପମାଲ୍ୟରେ ତାଙ୍କୁ ସମ୍ବର୍ଦ୍ଧନା ଜଣାଇବା ସଙ୍ଗେ ସଙ୍ଗେ କେତେକ ଉତ୍ସାହୀ ତାଙ୍କ ସହ ଲବଣ ସତ୍ୟାଗ୍ରହରେ ଯୋଗ ଦେଇଥିଲେ । ଭାରତର ବିଭିନ୍ନ ସମୁଦ୍ର କୂଳବର୍ତ୍ତୀ ଗ୍ରାମରେ ମଧ୍ୟ ଲବଣ ସତ୍ୟାଗ୍ରହ ଚାଲିଲା । ବିଶେଷତଃ ବାଲେଶ୍ୱରର ଇଞ୍ଚୁଡ଼ି, ଭଦ୍ରକର ଇରମ୍ ପ୍ରଭୃତି ଅଞ୍ଚଳରେ ଲବଣ ସତ୍ୟାଗ୍ରହ ଚାଲିଥିଲା । ଇଞ୍ଚୁଡ଼ି ଭାରତର ଲବଣ ସତ୍ୟାଗ୍ରହରେ ଦ୍ୱିତୀୟ ସ୍ଥାନରେ ଥିବାବେଳେ ଦାଣ୍ଡି ଲବଣ ସତ୍ୟାଗ୍ରହ ହୋଇଥିଲା ପ୍ରଥମ ସ୍ଥାନ । ଲବଣ ସତ୍ୟାଗ୍ରହୀମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର ହୋଇଥିଲା । ସେମାନଙ୍କର ଲୁଣମରା ହାଣ୍ଡିକୁ ପୋଲିସ୍‌ମାନେ ଭାଙ୍ଗି ଦେଉଥାନ୍ତି । ଲୁଣ ମାରୁଥିବା ସତ୍ୟାଗ୍ରହୀମାନଙ୍କର ହାତ ଆଙ୍ଗୁଳିକୁ ବୁଟ୍ ଯୋତାରେ ଦଳି ଦେଉଥାନ୍ତି ।

ଭାରତୀୟ ଜାତୀୟ କଂଗ୍ରେସର ଲାହୋର ଅଧିବେଶନରେ ଆଇନ୍ ଅମାନ୍ୟ ଆନ୍ଦୋଳନ କରିବାକୁ ଯୁଗାନ୍ତକାରୀ ସିଦ୍ଧାନ୍ତ ନେବା ପରେ ଭାରତର ସ୍ୱାଧୀନତା ଆନ୍ଦୋଳନର ଇତିହାସରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ରଚିତ ହୋଇଥିଲା । ଏ ଦିଗରେ ପ୍ରଥମ ପଦକ୍ଷେପ ଥିଲା ଲବଣ ଆଇନ୍ ଭଙ୍ଗ । ଏହାର ଅନ୍ୟାନ୍ୟ କାର୍ଯ୍ୟକ୍ରମ ଥିଲା ଛାତ୍ର ଓ ସରକାରୀ କର୍ମଚାରୀ ନିଜ ନିଜର କାର୍ଯ୍ୟ କରିବେ ନାହିଁ । ମଦ, ଅଫିମ, ଗଂଜା ଓ ବିଦେଶୀ ଦ୍ରବ୍ୟ ବିକ୍ରୟ କରୁଥିବା ଦୋକାନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଥିଲା । ୧୯୩୦ ମସିହା ଲବଣ ସତ୍ୟାଗ୍ରହ ୧୯୩୨ ମସିହା ପର୍ଯ୍ୟନ୍ତ ଚାଲିଥିଲା । ଗାନ୍ଧିଜୀ ବିଲାତରେ ୧୯୩୧ ମସିହାରେ ଗୋଲଟେବୁଲ୍ ବୈଠକରେ ବିଫଳ ମନୋରଥ ହୋଇ ଫେରିବା ପରେ ତାଙ୍କୁ ବମ୍ବେ ବନ୍ଦରଠାରୁ ବନ୍ଦୀ କରିନେଲେ । ଭାରତରେ ତାର ପ୍ରତିବାଦରେ ଚାରିଆଡ଼େ ପିକେଟିଂ ଚାଲିଲା । ମଦ ଦୋକାନ ଆଗରେ, ବିଲାତି ଲୁଗା ଦୋକାନ ତଥା ଗଞ୍ଜା ଓ ଅଫିମ ବିକ୍ରୀ କେନ୍ଦ୍ରମାନଙ୍କରେ ପିକେଟିଂ ଚାଲିଲା । ୧୯୩୨ ମସିହା ଶେଷ ବେଳକୁ ତୃତୀୟ ଗୋଲ୍‌ଟେବୁଲ୍ ବୈଠକ ବସିଥିଲା । ଏହି ବୈଠକରେ ଭାରତ ଶାସନ ପାଇଁ ପ୍ରସ୍ତୁତ ହୋଇଥିଲା, ଯାହା ପରବର୍ତ୍ତୀ ସମୟରେ ଭାରତ ଶାସନ ଆଇନ୍ ନାମରେ ପରିଚିତ । ୧୯୩୦ ମସିହା ମାର୍ଚ୍ଚ ମାସ ୧୨ ତାରିଖରେ ଗାନ୍ଧିଜୀ ଲବଣ ସତ୍ୟାଗ୍ରହ ଆରମ୍ଭ କରି ଦାଣ୍ଡିଠାରେ ଏପ୍ରିଲ୍ ମାସ ୬ ତାରିଖରେ ଲୁଣ ମାରି ଲବଣ ଆଇନ୍ ଭଙ୍ଗ କରିଥିଲେ । ଏହାର ପ୍ରଭାବରେ ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟି ବାଲେଶ୍ୱର ସହରଠାରୁ ପ୍ରାୟ ୧୫ କିଲୋମିଟର ଦୂରରେ ଅବସ୍ଥିତ ଇଞ୍ଚୁଡ଼ିଠାରେ ଲୁଣ ମାରିବା ପାଇଁ ନିଷ୍ପତ୍ତି ନେଇଥିଲେ । ତଦନୁଯାୟୀ କଟକରୁ ୨୧ ଜଣ ସତ୍ୟାଗ୍ରହୀ ଗୋପବନ୍ଧୁ ଚୌଧୁରୀ ଓ ଆଚାର୍ଯ୍ୟ ହରିହର ଦାସଙ୍କ ନେତୃତ୍ୱରେ ଏପ୍ରିଲ୍ ୬ ତାରିଖ ଦିନ କଟକ ସ୍ୱରାଜ ଆଶ୍ରମରୁ ବାହାରି ଥିଲେ । ହରେକୃଷ୍ଣ ମହତାବ ଅତ୍ୟନ୍ତ ଉତ୍ସାହର ସହିତ ବାଲେଶ୍ୱର ଉପକୂଳରେ ଲବଣ ସତ୍ୟାଗ୍ରହ ସଙ୍ଗଠନରେ ଲାଗିଥିଲେ । ସେମାନେ ପଦଯାତ୍ରା କରି ଯାଉଥିବା ସମୟରେ ଗୋପବନ୍ଧୁ ଚୋଧୁରୀ ଓ ଅଟଳ ବିହାରୀ ଆଚାର୍ଯ୍ୟ କଟକରେ ୮ ତାରିଖ ଦିନ ଏପ୍ରିଲ୍ ମାସରେ ଗିରଫ ହେଲେ ଓ ହରେକୃଷ୍ଣ ମହତାବ ବାଲେଶ୍ୱର ରେଳ ଷ୍ଟେସନରେ ଗିରଫ ହେବା ପରେ ଆଚାର୍ଯ୍ୟ ହରିହର ଦାସ ଓ ବାଲେଶ୍ୱରର ସର୍ଦ୍ଦାର ସୁରେନ୍ଦ୍ର ନାଥ ଦାସ ପ୍ରମୁଖ ନେତାମାନେ

ଇଞ୍ଚୁଡ଼ିଠାରେ ଏପ୍ରିଲ୍ ୧୩ ତାରିଖ ଦିନ ପହଞ୍ଚି ହଜାର ହଜାର ଲୋକଙ୍କ ସମ୍ମୁଖରେ ଲୁଣ ମାରିଥିଲେ। ସତ୍ୟାଗ୍ରହୀମାନଙ୍କୁ ରମାଦେବୀ ଓ ମାଳତୀ ଚୌଧୁରୀ ଫୁଲମାଳ ପିନ୍ଧାଇ ଶୁଭେଚ୍ଛା ଜ୍ଞାପନ କରିଥିଲେ। ପରବର୍ତ୍ତୀ ସମୟରେ ମାଳତୀ, କୋକିଳ, ଜାହ୍ନବୀ, କିରଣବାଳା ଓ କାନନବାଳା ଲବଣ ଆଇନ୍ ଭଙ୍ଗ କରିଥିଲେ। ତନ୍ମଧ୍ୟରୁ କଟକ ଜିଲ୍ଲାରୁ ଗୌରାଙ୍ଗ ଚରଣ ଦାସଙ୍କ ନେତୃତ୍ୱରେ ଲୌହସ୍ତମ୍ଭ ବାହିନୀ, ପୁରୀରୁ ପତିତପାବନ ବାହିନୀ, ଗଞ୍ଜାମ ବାହିନୀ, ସମ୍ବଲପୁର ବାହିନୀ ଲବଣ ଆଇନ୍ ଆନ୍ଦୋଳନରେ ପ୍ରମୁଖ ନାରୀ ନେତ୍ରୀମାନେ ଯୋଗ ଦେଇଥିଲେ । ଇଞ୍ଚୁଡ଼ି ତଥା ଅନ୍ୟ ସ୍ଥାନରୁ ପ୍ରାୟ ୨୦ ମହଣ ଲୁଣ ବାଲେଶ୍ୱର ଅଣାଯାଇଥିଲା। ସେଥିପାଇଁ ଏହାକୁ ଓଡ଼ିଶାର ଦାଣ୍ଡି ବୋଲି କୁହାଯାଏ। ଇଞ୍ଚୁଡ଼ି ବ୍ୟତୀତ ବାଲେଶ୍ୱର ଜିଲ୍ଲାର ସାର୍ଥା, ଭଦ୍ରକ ଜିଲ୍ଲାର ଇରମ, କଟକ ଜିଲ୍ଲାର କୁଜଙ୍ଗ, ପୁରୀ ଜିଲ୍ଲାର ଅସ୍ତରଙ୍ଗ, ଗଞ୍ଜାମ ଜିଲ୍ଲାର ଚିଲିକା, ହୁମା, ଗୋପାଳପୁର ତଥା ଚାଟୁଆ ଆଦି ସ୍ଥାନରେ ଲବଣ ଆଇନ୍ ଭଙ୍ଗ କରାଯାଇଥିଲା। ସମ୍ବଲପୁରରେ ଘନଶ୍ୟାମ ପାଣିଗ୍ରାହୀ, ଦୟାନନ୍ଦ ଶତପଥୀ ଓ ହରିହର ବେହେରାଙ୍କ ନେତୃତ୍ୱରେ ସତ୍ୟାଗ୍ରହ କମିଟି ଗଠନ କରାଯାଇଥିଲା। କୁଜଙ୍ଗରେ ନାରାୟଣ ବୀରବର ସାମନ୍ତ ଓ ଭାଗ୍ୟବତୀ ପାଟ୍ଟମହାଦେଈ, ରମାଦେବୀ, ମାଳତୀ ଚୌଧୁରୀ, ନାରାୟଣ ପାତ୍ର, ଶରତ ଚନ୍ଦ୍ର ଦାସ ଲବଣ ସତ୍ୟାଗ୍ରହରେ ନେତୃତ୍ୱ ନେଇଥିଲେ। ଗଞ୍ଜାମ ଜିଲ୍ଲାର ହୁମାଠାରେ ତତ୍କାଳୀନ ଜିଲ୍ଲା କଂଗ୍ରେସ କମିଟିର ସମ୍ପାଦକ ନିରଞ୍ଜନ ପଟ୍ଟନାୟକ ୨୩ ଜଣ ସତ୍ୟାଗ୍ରହୀଙ୍କୁ ନେଇ ୧୯୩୦ ମସିହା ଏପ୍ରିଲ୍ ୩୦ ତାରିଖରେ ଲବଣ ଆଇନ୍ ଭଙ୍ଗ କରିଥିଲେ। ତାଙ୍କ ସହିତ ଥିଲେ ତାଙ୍କର ସ୍ତ୍ରୀ କିଶୋର ମଣି ଦେଈ ଓ ଅନ୍ୟ ଜଣେ କୁନ୍ଦଲତା ଦେଈ । ଓଡ଼ିଶାରେ ଲବଣ ସତ୍ୟାଗ୍ରହର ସାଫଲ୍ୟ ପାଇଁ ଗାନ୍ଧିଜୀ ଉଚ୍ଛ୍ୱସିତ ପ୍ରଶଂସା କରି ଏକ ଅଭିନନ୍ଦନ ଚିଠି ପଠାଇଥିଲେ।

ଲବଣ ସତ୍ୟାଗ୍ରହ ବ୍ୟତୀତ ବିଦେଶୀ ବସ୍ତ୍ର ବର୍ଜନ, ଚୌକିଦାରୀ ଟିକସ ବର୍ଜନ, ମଦ ଦୋକାନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ଆଦି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା। ସେହି ସମୟରେ ବାଲେଶ୍ୱରରୁ ପ୍ରଜାତନ୍ତ୍ରକୁ ଦୈନିକ ପତ୍ରିକା ପ୍ରକାଶ କରି ଲୋକଙ୍କ ନିକଟରେ ସତ୍ୟାଗ୍ରହ ବାର୍ତ୍ତା ପହଞ୍ଚାଇ ଥିଲେ। ଆଉ ଗୋଟିଏ ବାଲେଶ୍ୱରର ସ୍ୱରାଜ ଆଶ୍ରମରୁ ବନ୍ଦେ ମାତରଂ ନାମକ ଦୈନିକ ସମ୍ବାଦ ପତ୍ରିକା ପ୍ରକାଶ କରାଗଲା। ଓଡ଼ିଶାର ବାଲେଶ୍ୱର, ଭଦ୍ରକ ଉପକୂଳ, କଟକର କୁଜଙ୍ଗ ତଥା ପୁରୀ ଓ ବ୍ରହ୍ମପୁର ସମୁଦ୍ର ଉପକୂଳରେ ଲୁଣମରା ଚାଲିଥିଲା। ସମଗ୍ର ଦେଶରେ ଲବଣ ସତ୍ୟାଗ୍ରହ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଲବଣ ସତ୍ୟାଗ୍ରହ ବେଳେ ଉତ୍ସାହିତ କରିବା ପାଇଁ ଲେଖକମାନେ ଅନେକଗୁଡ଼ିଏ ରଚନା ପ୍ରକାଶ କରିଥିଲେ। ହରେକୃଷ୍ଣ ମହତାବଙ୍କ ପଲାସିର ଅବସାନେ, ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଲୁଣମରା ଗୀତ ଓ ନିତ୍ୟାନନ୍ଦ ମହାପାତ୍ରଙ୍କ ସ୍ୱରାଜ୍ୟ ପାଲା ବାଲେଶ୍ୱର ଜିଲ୍ଲାରୁ ପ୍ରକାଶିତ ହୋଇଥିଲା। ଏହି ବହିଗୁଡ଼ିକୁ ସରକାର ବାଜ୍ୟାପ୍ତ କରିଥିଲେ। ଇଞ୍ଚୁଡ଼ି ନିକଟବର୍ତ୍ତୀ ଶ୍ରୀଜଙ୍ଗ ଗ୍ରାମର ଗୌରମୋହନ ଦାସ ଓ ବିଦ୍ୟାଧର ରାଉତଙ୍କ ନେତୃତ୍ୱରେ ଲୋକେ ଚୌକିଦାରୀ ଟିକସ ନଦେଇ ଏକ ଚାଞ୍ଚଲ୍ୟ ସୃଷ୍ଟି କରିଥିଲେ। ଲବଣ ସତ୍ୟାଗ୍ରହ ପରେ ଚୌକିଦାରୀ ଟିକସ ବନ୍ଦ ଆନ୍ଦୋଳନ ଚାଲିଲା ଓ ଶ୍ରୀଜଙ୍ଗରେ ପୋଲିସ୍ ଅତ୍ୟାଚାର ବିରୁଦ୍ଧରେ ଆଇନ୍ ଅମାନ୍ୟ ଚାଲିଥିଲା। ଏପ୍ରିଲ୍ ୧୬ ତାରିଖରେ ହରେକୃଷ୍ଣ ମହତାବ ଗିରଫ ହୋଇ ଏକବର୍ଷ କାରାଦଣ୍ଡ ଭୋଗିଥିଲେ। ଲବଣ ସତ୍ୟାଗ୍ରହର ଆଉ ଗୋଟିଏ ବିଶେଷ ଘଟଣା ହେଲା ବାନର ସେନା ଗଠନ। ୧୭ ବର୍ଷ ବୟସରୁ କମ୍ ପିଲାମାନେ ସ୍ୱେଚ୍ଛାସେବକ ହୋଇ ଲୁଣ ମାରିବା, ପିକେଟିଂ କରିବା ଇତ୍ୟାଦି କାର୍ଯ୍ୟରେ ଯୋଗ ଦେଲେ। ପୋଲିସ୍ ସେମାନଙ୍କୁ ଧରି ବେତମାଡ଼ ଦେଇ ନିର୍ଜନ ସ୍ଥାନରେ ଛାଡ଼ିଦେଇ ଆସୁଥିଲେ। ସେମାନେ କିନ୍ତୁ ଫେରି ଆସି ଲୁଣ ମାରିବା ଓ ପିକେଟିଂ ଇତ୍ୟାଦି କାର୍ଯ୍ୟ କରୁଥିଲେ। ସେମାନଙ୍କୁ ଆୟତ୍ତ କରିବା ସରକାରଙ୍କ ପକ୍ଷରେ ଏକ ଗୁରୁତର ସମସ୍ୟା ହୋଇ ଉଠିଥିଲା। ହଜାର ହଜାର ସ୍ୱେଚ୍ଛାସେବକ ଓ ଜନସାଧାରଣ ମିଶି ଲୁଣ ମାରିବାକୁ ଲାଗିଲେ। ପୋଲିସ୍ କେତେକଙ୍କୁ ଗିରଫ କଲେ ଓ ଅନ୍ୟମାନଙ୍କ ଉପରେ ଲାଠି ପ୍ରହାର କରି ସେମାନଙ୍କୁ ଘଉଡାଇ ଦେବାକୁ ଚେଷ୍ଟା କଲେ, କିନ୍ତୁ ଚେଷ୍ଟା ବିଶେଷ ଫଳପ୍ରଦ ହେଲା ନାହିଁ। ସେମାନେ ପୋଲିସ୍‌କୁ ଭ୍ରୂକ୍ଷେପ ନ କରି ନିର୍ଭୀକ ଭାବରେ ଲୁଣ ମାରିବାକୁ ଲାଗିଲେ। ଏହିପରି ଭାବରେ ୧୯୩୦ ମସିହା ଗାନ୍ଧିଜୀଙ୍କ ଲବଣ ସତ୍ୟାଗ୍ରହ ଓ ଦାଣ୍ଡି ଯାତ୍ରା ଅଭିଯାନ ଓଡ଼ିଶାରେ ମଧ୍ୟ ପ୍ରଭାବ ପକାଇଥିଲା।

ଏଚ.ଆଇ.ଜି– ୯୧, ଫେଜ୍ – ୧
କାନନ ବିହାର, ପୋ.ଅ– ପଟିଆ,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ।
ପିନ୍ ନଂ– ୭୫୧୦୩୧